# 9th India-Colombia Foreign Office Consultations

May 07, 2021

## ଭାରତ-କଲମ୍ବିଆ ମଧ୍ୟରେ ନବମ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

ମଇ 07, 2021

1. ଭାରତ ଏବଂ କଲମ୍ବିଆ ମଧ୍ୟରେ ନବମ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ 07 ମଇ 2021ରେ ଭିଡିଓ କନଫରେନସିଙ୍ଗ୍ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା।

2. ଏହି ବୈଠକରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ସଚିବ (ପୂର୍ବ) ଶ୍ରୀମତୀ ରିଭା ଗାଙ୍ଗୁଲି ଦାସ ନେଇଥିଲେ। କଲମ୍ବିଆ ପକ୍ଷରୁ ବୈଦେଶିକ ବ୍ୟାପାର ଉପମନ୍ତ୍ରୀ ଶ୍ରୀ ଫ୍ରାନ୍ସିସ୍କୋ ଜାଭିୟର୍ ଇଚେଭେରୀ ନେତୃତ୍ୱ ନେଇଥିଲେ।

3. ଚାରି ବର୍ଷ ପରେ ଆୟୋଜିତ ଏହି ବିଚାର ବିମର୍ଷ ଦ୍ୱିପାକ୍ଷିକ ସମ୍ପର୍କର ଆନ୍ତରିକତାକୁ ପ୍ରତିଫଳିତ କରୁଥିବା ପରିବେଶରେ ଅନୁଷ୍ଠିତ ହୋଇଥିଲା ଏବଂ ରାଜନୈତିକ, ବାଣିଜ୍ୟ ଏବଂ ଅର୍ଥନୈତିକ ସହଯୋଗ, କୃଷି, ମହାକାଶ, ଶକ୍ତି, ସ୍ୱାସ୍ଥ୍ୟ ଏବଂ ଔଷଧ, ପର୍ଯ୍ୟଟନ, ସୂଚନା ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ବିକାଶ ସହଭାଗୀତା, କ୍ରୀଡା ଏବଂ ସଂସ୍କୃତି ସମେତ ଦ୍ୱିପାକ୍ଷିକ ସହଯୋଗର ସମସ୍ତ ଦିଗ ଉପରେ ସମୀକ୍ଷା କରିବାର ସୁଯୋଗ ପ୍ରଦାନ କରିଥିଲା। ଜାରି ରହିଥିବା ଆଲୋଚନା ପ୍ରଣାଳୀ ମାଧ୍ୟମରେ ଏହି କ୍ଷେତ୍ରରେ ଆଲୋଚନାକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତାକୁ ଉଭୟ ପକ୍ଷ ଗୁରୁତ୍ୱ ଦେଇଥିଲେ।

4. କୋଭିଡ-19 ମହାମାରୀର ମୁକାବିଲା ଏବଂ ପ୍ରଭାବକୁ ପ୍ରତିହତ କରିବାକୁ ଉଭୟ ପକ୍ଷ ନିଜ ଦେଶର ରଣନୀତି ତଥା ଉତ୍କୃଷ୍ଟ କାର୍ଯ୍ୟ ପଦ୍ଧତି, ପରିଚାଳନା ରଣନୀତି ଏବଂ ଚିକିତ୍ସା ଅନୁସନ୍ଧାନ କ୍ଷେତ୍ରରେ ସମ୍ଭାବ୍ୟ ସହଯୋଗ ଏବଂ ବିନିମୟ ଉପରେ ଆଲୋଚନା କରିଥିଲେ।

5. ମିଳିତ ଜାତିସଂଘରେ ସହଯୋଗ ସମେତ ପାରସ୍ପରିକ ଆଗ୍ରହର ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ପ୍ରସଙ୍ଗରେ ଉଭୟ ପକ୍ଷ ମତ ବିନିମୟ କରିଥିଲେ ଏବଂ ବହୁପକ୍ଷୀୟ ସ୍ୱାର୍ଥ ପ୍ରସଙ୍ଗରେ ପରସ୍ପର ସହ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ସହମତ ହୋଇଥିଲେ।

**ନୂଆଦିଲ୍ଲୀ**

ମଇ 07, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.